# ନାବାଳକଙ୍କ ମୃତ୍ୟୁକୁ ନେଇ ବିବାଦ

- ହତ୍ୟା ଅଭିଯୋଗ ଆଣିଲେ ଅଜା
- ପୋଲିସକୁ ବାପାଙ୍କ ସୂଚନା, ପୁଅ ଆତ୍ମହତ୍ୟା କରିଛି
- ସାବତ ମା'କହିଲେ, ଗଛ ତଳେ ପଡ଼ିଥିଲା ମୃତଦେହ

**କୁଜଙ୍ଗ,୧୫।୬ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର ଗାଁର ମକର ବେହେରାଙ୍କ ନାବାଳକ ପୁଅ ରାହୁଲ(୧୬)ଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ହେଲେ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଗଳାରେ ରଶି ବାନ୍ଧି ରାହୁଲ ଆତ୍ମହତ୍ୟା କରିଥିବା ମକର ଥାନାରେ ଅଭିଯୋଗ କରିଛନ୍ତି। ହେଲେ ତାଙ୍କ ସାବତ ମା' କୁନି କହିଛନ୍ତି, ମୃତଦେହ ଏକ ଗଛ ତଳେ ପଡିଥିଲା। ମା' ବାପାଙ୍କ ଏପରି ଭିନ୍ନ ମତକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ପାରିପାର୍ଶ୍ୱିକ ସ୍ଥିତି ତଥା ଏହି ଦମ୍ପତିଙ୍କ ଭିନ୍ନ ମତକୁ ଅନୁଧ୍ୟାନ କଲେ ରାହୁଲ ଆତ୍ମହତ୍ୟା କରିନାହାନ୍ତି, ତାଙ୍କୁ ହତ୍ୟା କରାଯାଇଛି ବୋଲି ଗ୍ରାମବାସୀ କହୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ରାହୁଲଙ୍କ ଅଜା ଅଭୟଚାନ୍ଦପୁର ଥାନାରେ ପହଞ୍ଚି ତାଙ୍କ ନାତିଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ମକରଙ୍କ ପ୍ରଥମ ସ୍ତ୍ରୀଙ୍କ ୨ ପୁଅ ରାଜେଶ ଓ ରାହୁଲ। ବଡ଼ପୁଅ ରାଜେଶ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଳତାଙ୍ଗ ଗାଁ ମାମୁ ଘରେ ରୁହନ୍ତି। ସାନପୁଅ ରାହୁଲ ବାପା ମକର ଓ ସାବତ ମା' କୁନିଙ୍କ ସହ ନିଜଘର ତ୍ରିଲୋଚନପୁରରେ ରୁହନ୍ତି। ମଙ୍ଗଳବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ମକରଙ୍କ ସହ ପୁଅ ରାହୁଲଙ୍କ ପାଟିତୁଣ୍ଡ ହୋଇଥିଲା। ଏହାପରେ ରାହୁଲ ଘରୁ ବାହାରକୁ ଚାଲି ଯାଇଥିଲେ। ରାତି ୧୦ଟା ସୁଦ୍ଧା ସେ ଆଉ ଘରକୁ ଫେରି ନ ଥିଲେ। ମକର ଓ କୁନି ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବୁଧବାର ସକାଳେ କୁନି ଘର ନିକଟ ସ୍କୁଲ ଓ ଅଙ୍ଗନୱାଡ଼ି ହତାକୁ ଯାଇଥିଲେ। ରାହୁଲ କାଳେ ସ୍କୁଲ ବାରଣ୍ଡାରେ ଶୋଇପଡିଥିବ ସେ ଭାବିଥିଲେ। ହେଲେ ଅଙ୍ଗନୱାଡି କେନ୍ଦ୍ରକୁ ଲାଗିଥିବା ଏକ ବେଲ ଗଛ ତଳେ ରାହୁଲ ପଡିଥିଲେ। ଏ ସମ୍ପର୍କରେ କୁନି ମକରଙ୍କୁ ଜଣାଇଥିଲେ। ମକର ସେଠାରେ ପହଞ୍ଚି ଦେଖିଲା ବେଳକୁ ରାହୁଲଙ୍କ ମୃତ୍ୟୁ ଘଟି ସାରିଥିଲା। ମୃତଦେହ ଘରକୁ ଆଣିବା ପରେ ମକର ଥାନାକୁ ଖବର ଦେଇଥିଲେ, ତାଙ୍କ ପୁଅ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦୨୨) ରୁଜୁ କରାଯାଇଛି। ପୋଲିସ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଏ ନେଇ ସାବତ ମା' କୁନି କହିଛନ୍ତି, ରାହୁଲ ପଛକୁ ଗୋଡ଼ ଭାଙ୍ଗି ଗଛ ତଳେ ପଡିଥିଲା। ସେ ମକରଙ୍କୁ ଖବର ଦେଇଥିଲେ। ରାହୁଲଙ୍କ ମୃତଦେହକୁ ଘରକୁ ଆଣିଲା ପରେ ତା' ବେକରେ ରଶି ଦାଗ ଥିଲା। ବେକରେ ରଶି ବାନ୍ଧି ଯଦି ରାହୁଲ ଆତ୍ମହତ୍ୟା କରିଥିଲେ, ତେବେ ମୃତଦେହ ଗଛରେ ଝୁଲି ରହିଥାଆନ୍ତା। ମୃତଦେହ ତଳେ ପଡିଲା କିପରି ବୋଲି ପ୍ରଶ୍ନ କରିବାରୁ ମୁଁ ଏ ସଂକ୍ରାନ୍ତରେ କିଛି କହିପାରିବି ନାହିଁ ବୋଲି ସେ କହିଥିଲେ। ମୃତଦେହ ଗଛତଳେ ପଡିଥିବା କୁନି କହୁଥିବା ବେଳେ, ରଶି ଲଗାଇ ପୁଅ ଆତ୍ମହତ୍ୟା କରିଛି ବୋଲି ବାପା ମକର ପୋଲିସକୁ ସୂଚନା ଦେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନା ସବ୍‌ଇନ୍ସପେକ୍ଟର ଶ୍ୱେତପଦ୍ମା ଦାଶ କହିଛନ୍ତି, ମକରଙ୍କ ଅଭିଯୋଗକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା କି ହତ୍ୟା ସ୍ପଷ୍ଟ ହେବ। ଅନ୍ୟପକ୍ଷେ ଗ୍ରାମବାସୀ କହିଛନ୍ତି, ରାହୁଲଙ୍କ ପାଟି ଓ କାନମୁଣ୍ଡାରୁ ରକ୍ତ ବାହାରୁ ଥିଲା। ବାପା ଓ ସାବତ ମା' ପିଟି ପିଟି ତାଙ୍କୁ ହତ୍ୟା କରିଛନ୍ତି। ମକର ତାଙ୍କ ପ୍ରଥମ ସ୍ତ୍ରୀ ମମତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦଣ୍ଡିତ ହୋଇ ୪ ବର୍ଷ ଜେଲରେ ଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ରାହୁଲଙ୍କ ଅଜା ତଥା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଳତାଙ୍ଗ ଗ୍ରାମ କରୁଣାକର ସେଠୀ ଅଭୟଚାନ୍ଦପୁର ଥାନାରେ ପହଞ୍ଚି ତାଙ୍କ ନାତିକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଘରେ ପଶିଯାଇଥିବା ହରିଣ ଉଦ୍ଧାର



ବୁଗୁଡ଼ା,୧୫।୬(ଡି.ଏନ.ଏ.)-ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ଗାଁ ମୁହାଁ ହୋଇଥିବା ଏକ ହରିଣ କୁକୁର ପଲର ଆକ୍ରମଣରୁ ବର୍ତ୍ତିବା ପାଇଁ ଜଣେ ବ୍ୟକ୍ତିଙ୍କ ଘରେ ପଶିରହିଥିଲା। ତାକୁ ବନ ବିଭାଗ ଉଦ୍ଧାର କରିଛି। ବୁଗୁଡ଼ା ବ୍ଲକର ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ପାଣିକେଶର ଗ୍ରାମରେ ବୁଧବାର ଜଙ୍ଗଲରୁ ହରିଣଟିଏ ଖାଦ୍ୟ ଅନ୍ୱେଷଣରେ ଆସି ପୁରୁଣା ପାଣିକେଶର ଗାଁରେ ପହଞ୍ଚିଥିଲା। ସେଠାରେ କୁକୁର ପଲ ତାକୁ ଘେରିଯାଇଥିଲେ। କୁକୁର ପଲର ଆକ୍ରମଣରୁ ବର୍ତ୍ତିବା ପାଇଁ ସେ ପ୍ରାଣ ବିକଳରେ ଗାଁ ଆଡକୁ ଦୌଡ଼ି ଯାଇ ଗୌର ସ୍ୱାଇଁଙ୍କ ଘର ଭିତରକୁ ପଶିଯାଇଥିଲା। ଘର ଭିତରେ ହରିଣଟିଏ ଦେଖି ଘର ଲୋକେ ଭୟରେ ବାହାରକୁ ପଳାଇ ଆସି କବାଟ କିଳି ଦେଇଥିଲେ। ଖବର ପାଇ ବିରଞ୍ଚିପୁର ବନରକ୍ଷୀ ପ୍ରଦୀପ ପରିଚ୍ଛା ପହଞ୍ଚି ଭୀତଗ୍ରସ୍ତ ହରିଣଟିକୁ ଉଦ୍ଧାର କରି ପୁଣି ଜଙ୍ଗଲରେ ନେଇ ଛାଡି ଦେଇଥିଲେ।

### ଆଇନଜୀବୀଙ୍କ ବିୟୋଗ

ରମ୍ଭା,୧୫।୬-ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ଗ୍ରାମ ପଞ୍ଚାୟତ ବାସିନ୍ଦା ଓ ଖଲ୍ଲିକୋଟ ବାର ଆସୋସିଏଶନର ସ୍ଥାୟୀ ସଦସ୍ୟ ଆଇନଜୀବୀ ଲଲାଟେନ୍ଦୁ ନାୟକଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳ ସମେତ ପରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଏହି ଅକାଳ ବିୟୋଗରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଏନ ନାରାୟଣ ରେଡ୍ଡୀ, ଗଞ୍ଜାମ ବ୍ଲକ ଅଧକ୍ଷା ପ୍ରତିନିଧି ସୁରଥ ପ୍ରଧାନ, ରାଜ୍ୟପାଳ ପୁରସ୍କୃତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଗଞ୍ଜାମ ବ୍ଲକ ପୂର୍ବତନ ଅଧକ୍ଷ ସୁଧୀର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଜୟସେନ ପ୍ରଧାନ, କେଦାର ନାଥ ସ୍ୱାଇଁ, ଶିକ୍ଷାବିତ ବାନାମ୍ବର ପଲାଇ, ଗଞ୍ଜାମ ବ୍ଲକ ବିଜେଡି ଅଧକ୍ଷ ଇନ୍ଦ୍ରମଣି ଦଳାଇ ପ୍ରମୁଖମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି।

### ୧୯୯୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ପୋଲସରା,୧୫।୬(ଡି.ଏନ.ଏ.)-ପୋଲସରା ବ୍ଲକ ସାନବରଗାଁ ସ୍ଥିତ ଲିଙ୍ଗରାଜ ହାଇସ୍କୁଲର ୧୯୯୫ ବ୍ୟାଚ ଛାତ୍ରୀଛାତ୍ରମାନଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଝାଡେଶ୍ୱର ଶୈବପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅମିତ ବରଣ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ଭାବ ଆଦାନ ପ୍ରଦାନ ହୋଇଥିଲା। ଦୀର୍ଘ ୨୭ ବର୍ଷ ପରେ ଆୟୋଜିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ରଞ୍ଜନ କୁମାର ମହାପାତ୍ର, ମମତା ସେଠୀ, ଉମା ଶଙ୍କର ସାହୁ, ଦେବରାଜ ସେଠୀ, ତ୍ରିଲୋଚନ ସାହୁ, ସୁଧୀର କୁମାର ସାବତ, ମମତା ଦେବୀ, ଗୀତାଞ୍ଜଳି ସାହୁଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଖାଉଟି ବିଭାଗ କମିଶନରଙ୍କୁ ଭେଟିଲେ ମୋହନା ବ୍ଲକ ଅଧକ୍ଷ

ପାରଳାଖେମୁଣ୍ଡି,୧୫।୬(ଡି.ଏନ୍.ଏ.)-ମୋହନା ବ୍ଲକ ଅଧକ୍ଷ ରଞ୍ଜିବ ଶବର ଭୁବନେଶ୍ୱର କାର୍ଯ୍ୟାଳୟଠାରେ ବୁଧବାର ଖାଉଟି କଲ୍ୟାଣ ବିଭାଗ କମିଶନର ଅନୁପମା ସାହାଙ୍କୁ ସାକ୍ଷାତ କରିଛନ୍ତି। ବ୍ଲକ ଅଧକ୍ଷ ରଞ୍ଜିବ ଶବର ଓ ଜିଲା ବିଜେଡି ସଭାପତି ପ୍ରଦିପ ନାୟକ, ଆଦିବାସୀ ନେତା ଅର୍ନ୍ତଯାମୀ ଗମାଙ୍ଗ ଅନ୍ୟମାନେ ଉପସ୍ଥିତ ଥିଲେ। ମୋହନା ବ୍ଲକ ଓଡ଼ିଶାର ବୃହତ୍ତମ ବ୍ଲକ ଦୁଗମ ଅଞ୍ଚଳ ପାହାଡ଼ରେ ଅବସ୍ଥିତ। ଏଠାକୁ ଉତ୍ତମ ବିଡିଓ ଆସିଲେ ବ୍ଲକର ବିକାଶ ହେବ ବୋଲି ଅଧକ୍ଷ କମିଶନରଙ୍କ ସହ ଆଲୋଚନା କରିଥିଲେ।

### ବିଦ୍ୟାଳୟ ପାଚେରୀ ଭୁଶୁଡ଼ି ବୃଦ୍ଧ ମୃତ

ଭଞ୍ଜନଗର,୧୫।୬(ଡି.ଏନ୍.ଏ)-ଭଞ୍ଜନଗର ଥାନା କୁଲା ଏକ ଘରୋଇ ଶିକ୍ଷାନୁଷ୍ଠାନର ପାଚେରୀ ଭୁଶୁଡ଼ି ବୁଧବାର କୁଲାଡ଼ର ଜୟ ନାଇକ(୬୪)ଙ୍କ ମୃତ୍ୟୁ ଘଟିଛି। ଭଞ୍ଜନଗର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ଅପରାହ୍ନରେ ଭଞ୍ଜନଗର ଅଞ୍ଚଳରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏହି ସମୟରେ ଜୟ କୁଲା ରଘୁନାଥ ମନ୍ଦିର ପଛ ପାଖରେ ନିଜର କୁଡିଆ ଘରେ ଏକୁଟିଆ ଥିବା ବେଳେ ବିଦ୍ୟାଳୟ ପାଚେରିଟି ଭୁଶୁଡ଼ି ତାଙ୍କ କୁଡିଆ ଉପରେ ମାଡି ବସିଥିଲା। ଫଳରେ ଜୟ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ଆଣାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଅଗ୍ନିକାଣ୍ଡରେ ଜଳିଗଲା ଘର



ନିଆଁକୁ ଆୟତ୍ତ କରୁଛନ୍ତି ଦମକଳ ବାହିନୀ କର୍ମଚାରୀ।

**ଗଞ୍ଜାମ,୧୫।୬(ଡି.ଏନ.ଏ.)**

ରମ୍ଭା ଥାନା ପାଲଙ୍ଗ ପଞ୍ଚାୟତ ନିମୁସୁଲା ଗ୍ରାମରେ ବିଦ୍ୟୁତ୍ ଶଟ ସର୍କିଟରୁ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ସେହି ଗ୍ରାମର ବିନୋଦ ପ୍ରଧାନଙ୍କ ଘର ସମ୍ପୂର୍ଣ୍ଣ ପୋଡି ଯାଇଛି। ଅନ୍ୟ ଘରକୁ ନିଆଁ ବ୍ୟାପିବା ପୂର୍ବରୁ ରମ୍ଭା ଦମକଳ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ମୁଖ୍ୟ ଅଗ୍ନେକ ଅଧିକାରି ସୁଶାନ୍ତ କୁମାର ମାଝୀ, ତପନ କୁମାର ଅଧିକାରୀ, ଚନ୍ଦ୍ର ଶେଖର ସାମନ୍ତରାୟ, ମାନସ ରଞ୍ଜନ ବେହେରା, ଶିଶିର କୁମାର ଦାସ, ସୁବାସ ଚନ୍ଦ୍ର ବରାଳ, ମନୋଜ ସେଠୀ ପ୍ରମୁଖ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିଲେ।

# ଯୋଗ ଦିବସ ଉପଲକ୍ଷେ ସଚେତନତା

**ବୁଗୁଡ଼ା,୧୫।୬(ଡି.ଏନ.ଏ.)**

ବିଶ୍ୱ ଯୋଗ ଦିବସ ଆସନ୍ତା ୨୧ତାରିଖରେ ପାଳନ କରାଯିବ। ବୁଗୁଡ଼ାରେ ଏହି ଦିବସ ପାଳନ ଉପଲକ୍ଷେ ସୋମବାର ପିପୁଲ୍ସ କଲେଜ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଲେଜର କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ସଚେତନତା ଶୋଭାଯାତ୍ରା କଲେଜ ଠାରୁ ବାହାରି ବୁଗୁଡ଼ା ସହରର ବିଭିନ୍ନ ସାହି ପରିକ୍ରମା କରି ବଡଦାଣ୍ଡରେ ପହଞ୍ଚିଥିଲା। ଉକ୍ତ ଶୋଭାଯାତ୍ରାରେ କଲେଜର ସ୍କାଉଟ ଆଣ୍ଡ ଗାଇଡ଼, ଯୁବ ରେଡକ୍ରସ, ଏନସିସି, ଜାତୀୟ ସେବା ସଂସ୍ଥା, କ୍ରୀଡା ସଂଗଠନର ସଦସ୍ଯ ଏବଂ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ମାନବ ଜୀବନକୁ ସୁସ୍ଥ ରଖିବା ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏଥି ସହିତ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ଆବାଳବୃଦ୍ଧବନିତା ଯୋଗ ଦେବା ପାଇଁ ନିବେଦନ କରିଥିଲେ।

# ମୁକୁଳା ପଡ଼ିଛି ବୋର୍‌ୱେଲ, ପ୍ରଶାସନର ନିଘା ନାହିଁ

**ବଲସକୁମ୍ପା,୧୫।୬**

ବର୍ଷ ବର୍ଷ ଧରି ଖୋଲାଯାଇ ମୁକୁଳା ହୋଇ ପଡ଼ିରହିଛି ଅଚଳ ହୋଇଥିବା ବୋରୱେଲ। ହେଲେ ଏଥିପ୍ରତି ସମସ୍ତଙ୍କ ଦୃଷ୍ଟି ପଡୁଥିଲେ ମଧ୍ୟ ଆଶଙ୍କା କାହାରି ମନ ଭିତରେ ଉଠୁ ନ ଥିଲା। କିନ୍ତୁ ଛତିଶଗଡ଼ର ଚାମ୍ପାରେ ଶିଶୁ ରାହୁଲର ଘଟଣା ପରେ ଏବେ ଏହି ମୁକୁଳା ପଡ଼ିରହିଥିବା ବୋର୍‌ୱେଲକୁ ନେଇ ସମସ୍ତଙ୍କ ମନ ଭିତରେ ଚାଲିଛି ନାନା କଳ୍ପନା ଜଳ୍ପନା।

ସୂଚନାଯୋଗ୍ୟ, ଖଜୁରିପଡ଼ା ବ୍ଲକ ଅଧୀନ ସୁଦ୍ରୁକୁମ୍ପା ପଞ୍ଚାୟତ ଅନ୍ତର୍ଗତ ରାଣୀପଥର ଗ୍ରାମ ନିକଟସ୍ଥ ବାଘିଆଠାରେ ଜାତୀୟ ରାଜପଥ କଡ଼ରେ ଅନେକ ବର୍ଷ ହେବ ଖୋଲା ହୋଇ ଅଚଳ ହେବାରୁ ପରିତ୍ୟକ୍ତ ଭାବେ ମୁକୁଳା ହୋଇ ପଡ଼ି ରହିଛି ଏହି ବୋର୍‌ୱେଲ କୂପ। ହେଲେ ଏହାକୁ କିଏ ଖୋଳି ଥିଲା କାହିଁକି ଖୋଳିଥିଲା ଯାହାକୁ ପଚାରିଲେ ମଧ୍ୟ କେହିହେଲେ ସ୍ପଷ୍ଟ ଭାବେ କହି ପାରୁନାହାନ୍ତି। ଏହି ଆଖପାଖ ଦେଇ ପ୍ରତି ମୁହୂର୍ତ୍ତରେ ଛୋଟପିଲା ଯିବା ଆସିବା କରୁଥିବା ସହିତ ଛେଳି ଛୁଆ ମଧ୍ୟ ଚରାବୁଲା କରୁଛନ୍ତି।



ମୁକୁଳା ହୋଇ ପଡ଼ି ରହିଛି ଅଚଳ ବୋରୱେଲ।

କେତେବେଳେ ଯେ କିଛି ଦୁର୍ଘଟଣା ନ ଘଟିବ କହି ହେବ ନାହିଁ। କାରଣ ଛତିଶଗଡ଼ ଚାମ୍ପାରେ ରାହୁଲ ଘଟଣା ସମଗ୍ର ଭାରତବର୍ଷରେ ଚହଳ ପକାଇଦେଇଛି। ଏନ୍‌ଡିଆର୍‌ଏଫ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଭଗବାନଙ୍କ ଶକ୍ତି ପ୍ରୟୋଗ କରି ରାହୁଲଙ୍କୁ ସେହି ବୋରୱେଲ ଭିତରୁ ଉଦ୍ଧାର କରି ସମଗ୍ର ଭାରତରେ ରେକର୍ଡ ସୃଷ୍ଟି କରିଛନ୍ତି। ହେଲେ ଏଠାରେ ସେଭଳି ଘଟଣା ଯେ ନ ଘଟିବ ତେଣୁ ପ୍ରଶାସନକୁ ଅନୁରୋଧ କରାଯାଇଛି ଶୀଘ୍ର ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ବିଚାରକୁ ନେବାକୁ ସାଧାରଣରେ ଦାବି ହେଉଛି।

# ଝୁଡ଼ଙ୍ଗ ତୋଳୁଥିବା ବେଳେ ସାପ କାମୁଡ଼ାରେ ବୃଦ୍ଧ ମୃତ

**ବୁଗୁଡ଼ା,୧୫।୬(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ ସଙ୍କୁରୁ ଗ୍ରାମ ବଡଦାଣ୍ଡ ସାହିରେ ବୁଧବାର ଝୁଡ଼ଙ୍ଗ ତୋଳୁଥିବା ବେଳେ ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହେଲେ ଧୋବା ସ୍ୱାଇଁ (୬୨)। ମଧ୍ୟାହ୍ନରେ ଧୋବା ତାଙ୍କର ପଦରରେ ଝୁଡ଼ଙ୍ଗ ତୋଳୁଥିବା ସମୟରେ ଏକ ସାପ କାମୁଡ଼ିଦେଇଥିଲା। ପରିବାର ଲୋକେ ଧୋବାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡ଼ା ମେଡିକାଲକୁ ନେଇ ଚିକିତ୍ସା କରାଯାଇ ଘରକୁ ଆଣିଥିଲେ। ଅପରାହ୍ନରେ ସେ ପୁଣି ଅସୁସ୍ଥ ଅନୁଭବ କରିବାରୁ ବିରଞ୍ଚିପୁର ଗାଁର ଜଣେ ବୈଦ୍ୟଙ୍କ ପାଖକୁ ନିଆଯାଇଥିଲା। ସେଠାରୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ମେଡିକାଲକୁ ନିଆଯାଇଥିଲା। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଗୁଡ଼ା ପୋଲିସ ମୃତଦେହ ଜବତ କରି ନଂ. ୧୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଆଦିବାସୀଙ୍କ ସତ୍ରା ପର୍ବ ଆରମ୍ଭ



ପାରମ୍ପରିକ ବେଶ ପୋଷାକରେ ଝିଅ ଓ ପୁଅ।

**ଆର.ଉଦୟଗିରି,୧୫।୬(ଡି.ଏନ.ଏ.)**

ମୋହନା ବ୍ଲକ ଅନ୍ତର୍ଗତ ଦମାଦୁଆଠାରେ ଆଦିବାସୀ ମାନେ ପୂର୍ବ ପୁରୁଷରୁ ସତ୍ରା ପର୍ବ ପାଳନ କରି ଆସୁଛନ୍ତି। ଆଦିବାସୀମାନେ ମାଟି ଦେବତାକୁ ପ୍ରଥମ କରି ବିଲରେ ଚାଷ କରିବା ଓ ବିହନ ବୁଣିବା ପାଇଁ ମାଟି ଦେବତାଙ୍କୁ ପୂଜା କରନ୍ତି। ତା'ପରେ ସତ୍ରା ପର୍ବ ୩ ଦିନ ଧରି ନିସ୍ତାର ସହ ଉପବାସ ରହି ପାଳନ କରିଥାନ୍ତି। ଗାଁରେ ଆମିଷ ଭୋଜନ ସମ୍ପୂର୍ଣ୍ଣ ନିଷେଧ କରନ୍ତି। ଏହି ୫ ଦିନ ପାଇଁ ଗ୍ରାମଦେବତୀ ଓ ଠାକୁରାଣୀଙ୍କୁ ପୂଜା କରନ୍ତି। ଆଦିବାସୀମାନେ ଭଲ ଫସଲ ଅମଳ ହେବା, ଗାଁରେ ଗୃହପାଳିତ ପ୍ରାଣୀ ଓ ଗ୍ରାମବାସୀଙ୍କ ଦେହ ଆରୋଗ୍ୟ ରହିବ ବୋଲି ବିଶ୍ୱାସ କରି ଏହି ପର୍ବ ପାଳନ କରି ଆସୁଛନ୍ତି। ଆଖ ପାଖ ପୋଡ଼ଶି ଗାଁ ଲୋକେ ଆସି ସତ୍ରା ପର୍ବରେ ସାମିଲି ହୁଅନ୍ତି। ପର୍ବରେ ସନ୍ଧ୍ୟା ଓ ସକାଳେ ପାରମ୍ପରିକ ବାଜା ତାଳରେ ନାଚଗୀତ କରନ୍ତି। ଝିଅ ଓ ପୁଅମାନେ ମିଳିତ ହୋଇ ନିଜ ପାରମ୍ପରିକ ବେଶ ପୋଷାକ ପିନ୍ଧି ବନ୍ଧୁ ବାନ୍ଧବଙ୍କ ସହ ନାଚ ଗୀତରେ ମସଗୁଲ ରହନ୍ତି। ନାନାଦି ପ୍ରକାର ପିଠା ପଣା କରି ସତ୍ରା ପର୍ବ ମହା ଆଡମ୍ବର ସହ ପାଳନ କରନ୍ତି।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ଫୁଲବାଣୀ ଅଫିସ,୧୫।୬**

ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ପ୍ରତାରଣା କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ବଳାତ୍କାର ଅଭିଯୋଗରେ ସଂପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସାରଙ୍ଗଗଡ ଥାନା ମଗଡିଙ୍ଗିଆ ଗପୁଗୁଡା ଗାଁର ଆନନ୍ଦ ଡିଗାଲ। ଫିରିଙ୍ଗିଆ ଥାନା ରତଙ୍ଗ ପଞ୍ଚାୟତର ଜଣେ ଯୁବତୀଙ୍କୁ ଆନନ୍ଦ ପ୍ରେମ କରୁଥିଲେ। ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। କିଛି ଦିନ ତଳେ ଆନନ୍ଦ ପ୍ରେମିକାଙ୍କୁ ନ ଜଣେଇ ଅନ୍ୟତ୍ର ବିବାହ କରିଥିଲେ। ଯୁବତୀ ଜଣକ ଏହା ଜାଣିବା ପରେ ନ୍ୟାୟ ପାଇଁ ଆନନ୍ଦଙ୍କ ଘରକୁ ଯାଇଥିଲେ। ତାଙ୍କ ପରିବାର ଲୋକେ ଯୁବତୀଙ୍କୁ ମାଡ ମାରିବା ସହ ଘରୁ ତଡି ଦେଇଥିଲେ। ଶେଷରେ ଯୁବତୀ ଜଣକ ଏ ନେଇ ଫିରିଙ୍ଗିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ପ୍ରେମିକ ଆନନ୍ଦଙ୍କୁ ଗିରଫ କରିଛି। ଏନେଇ ନଂ. ୮୯/୨୨ ରେ ଏକ ମାମଲା ରୁଜୁ ହୋଇଛି।

# ବିଜେଡିରେ ମିଶିଲେ ଭାଜପା,କଂଗ୍ରେସ କର୍ମୀ




ମିଶ୍ରଣ ପର୍ବରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**ଦିଗପହଣ୍ଡି,୧୫।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ବିଜେଡି ପକ୍ଷରୁ ବୁଧବାର ଗୋଲଣ୍ଡା ଗ୍ରାମସ୍ଥିତ ଟିକାଚନ୍ଦ୍ରୀ ପାହାଡ଼ ପାଦଦେଶରେ ପଞ୍ଚାୟତସ୍ତରୀୟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ବାଚସ୍ପତି ଡ଼.ସୂର୍ଯ୍ୟନାରାୟଣ ପାତ୍ରଙ୍କ ପ୍ରତି ଆସ୍ଥା ପ୍ରକଟ କରି ବହୁ ଭାଜପା ଓ କଂଗ୍ରେସ କର୍ମୀ ବିଜେଡ଼ିରେ ମିଶିଛନ୍ତି। ନେତା ସୀମାଞ୍ଚଳ ପାଣିଗ୍ରାହୀଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଭାଜପା କର୍ମୀ ଏବଂ ରାଧାକୃଷ୍ଣ ଗୌଡଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମରୁ ଆସିଥିବା କଂଗ୍ରେସ କର୍ମୀ ଦଳତ୍ୟାଗ କରି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ପକ୍ଷରୁ ସେମାନଙ୍କୁ ଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଗପହଣ୍ଡି ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର ଓ ଜିଲା ଉପସଭାପତି ବି .କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ, ଯୁବ ବିଜେଡି ଜିଲା ଉପସଭାପତି ଏମ୍ . ନିରଞ୍ଜନ ରେଡ୍ଡୀ, ବ୍ଲକ ଅଧକ୍ଷା ପ୍ରତିନିଧି କୃଷ୍ଣଚନ୍ଦ୍ର ସେଠୀ, ଜିଲା ପରିଷଦ ସଭ୍ୟ ରାଧାକାନ୍ତ ମହାଙ୍କୁଡ, ସଭ୍ୟା ସଂଯୁକ୍ତା କବି, ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ନଗରପାଳ ଭି .ରବିନାରାୟଣ ରାଜୁ, ସିଦ୍ଧେଶ୍ୱର ସରପଞ୍ଚ ବିଜୟ ପ୍ରଧାନ, ଗଡଗୋବିନ୍ଦପୁର ସରପଞ୍ଚ ରଞ୍ଜନ କୁମାର ସାହୁ, ଖମ୍ବାରୀ ଗାଁ ସରପଞ୍ଚ ବିଜୟଲକ୍ଷ୍ମୀ ଗୌଡ, ବ୍ଲକ ଯୁବ ବିଜେଡି ସଭାପତି ତଥା ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲରୁ ଗଳିତ ମୃତଦେହ ଜବତ

**ଦିଗପହଣ୍ଡି,୧୫।୬(ଡି.ଏନ.ଏ.)**

ଗଞ୍ଜାମ-ଗଜପତି ସୀମାନ୍ତ ପାଟପୁର ଥାନା ଗୋପାଳଗଣ୍ଡ ଡ୍ୟାମ ନିକଟ ଯୋଗୀବସା ଜଙ୍ଗଲ ସାହାଜାବାଡ଼ ଗ୍ରାମ ନିକଟରୁ ପାଟପୁର ପୋଲିସ ବୁଧବାର ଏକ ଗଳିତ ମୃତ ଦେହ ଜବତ କରିଛି। ମୃତଦେହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଏହା ଜଣେ ବୃଦ୍ଧଙ୍କ ମୃତଦେହ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ମୃତଦେହର କୌଣସି ପରିଚୟ ମିଳିପାରିନାହିଁ। ଗତ ଗତ ୪ ଦିନ ପୂର୍ବେ ଉକ୍ତ ଜଙ୍ଗଲରୁ ଦୁର୍ଗନ୍ଧ ବାହାରୁଥିବାରୁ ଗ୍ରାମବାସୀ ପାଟପୁର ପୋଲିସକୁ ଜଣାଇଥିଲେ। ପୋଲିସ ଯୋଗୀବସା ଜଙ୍ଗଲର ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି କୌଣସି ସନ୍ଧାନ ନପାଇ ଫେରିଆସିଥିଲା। ଗତ ମଙ୍ଗଳବାର ଉକ୍ତ ଜଙ୍ଗଲ ରାସ୍ତା ଦେଇ କେ.ନୂଆଗଡ଼ ଗ୍ରାମର କେତେଜଣ ଆସୁଥିବା ବେଳେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଟି.ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ପଞ୍ଚାୟତ ମଙ୍ଗଳା ଗମାଙ୍ଗଙ୍କୁ ଜଣାଇଥିଲେ। ସେ ଏନେଇ ପାଟପୁର ଥାନା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପାଟପୁର ପୋଲିସ ପହଞ୍ଚି ଜଙ୍ଗଲରୁ ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ଏ ନେଇ ନଂ.୮/୨୨ରେ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ଗଞ୍ଜେଇ ଭର୍ତ୍ତି କାର୍ ଛାଡ଼ି ଅଭିଯୁକ୍ତ ଚମ୍ପଟ

**ଆର.ଉଦୟଗିରି,୧୫।୬(ଡି.ଏନ.ଏ.)**

ଗଜପତି ଜିଲା ଅଡବା ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ କରୁଥିବା ସମୟରେ ମଙ୍ଗଳବାର ବାଲିବନ୍ଧ ଗ୍ରାମ ଛକଠାରେ ୧୧୦ କେଜିରୁ ଊର୍ଦ୍ଧ୍ୱ ଚୋରା ଗଞ୍ଜେଇ ଚାଲଣକୁ ଧରିଛି। ଏଥିରେ ଅଭିଯୁକ୍ତମାନେ କାରଟିକୁ ଛାଡି ଚମ୍ପଟ ମାରିଥିବା ଜଣାପଡିଛି। ଅଡବା ଥାନା ସୂତ୍ରରୁ ପ୍ରକାଶ ଯେ, ମଙ୍ଗଳବାର ଏସ୍‌ଆଇ ଲକ୍ଷ୍ମଣ ବେର୍ଶା ଓ ଅଡବା ପୋଲିସ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଏକ କାର (ନଂ ଓଡି ଏ୪୪୭୭୪)ଟି ଦୃତ ଗତିରେ ଯାଉଥିବା ସମୟରେ ବାଲିବନ୍ଧ ଗ୍ରାମ ନିକଟରେ ସନ୍ଦେହରେ ଅଟକାଇଥିଲେ। ହେଲେ ଗାଡି ଚାଳକ ଓ କାର୍‌ରେ ବସିଥିବା ଅନ୍ୟଜଣେ ପୋଲିସକୁ ଦେଖି କାର୍‌ଟିକୁ ଛାଡି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହା ପରେ ପୋଲିସ କାର୍ ନିକଟରେ ପହଞ୍ଚି ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଥିରୁ ଗୋଟି ଜରି ବ୍ୟାଗରେ ୧୧୦ କେଜି ୮୦୦ ଗ୍ରାମ ଗଞ୍ଜେଇକୁ ଜବତ କରିଛି। ଏ ନେଇ ଅଡବା ଥାନାରେ ନଂ. ୭୬/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

# ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ରାଜଯୋଗ ଆବଶ୍ୟକ




ମଞ୍ଚାସୀନ ଅତିଥିବୃନ୍ଦ।

**ଭଞ୍ଜନଗର,୧୫।୬(ଡି.ଏନ.ଏ)**

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ (ଓମ୍ ଶାନ୍ତି) ଭଞ୍ଜନଗର ଶାଖା ପକ୍ଷରୁ ବୁଧବାର ସୁନ୍ଦର ସ୍ୱାସ୍ଥ୍ୟ ଓ ସୁସ୍ଥ ମନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସୁନ୍ଦର ସ୍ୱାସ୍ଥ୍ୟ ଓ ସୁସ୍ଥ ମନ ପାଇଁ ରାଜଯୋଗର ଆବଶ୍ୟକତା ରହିଛି। ଏଥିପାଇଁ ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଣ୍ଟଆବୁ ମୁଖ୍ୟ କାର୍ଯ୍ୟାଳୟ କଳା ଓ ସଂସ୍କୃତି ବିଭାଗର ସଂଯୋଜକ ସତୀଶ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଏନ୍‌ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଏମ୍ ମାର୍କେଣ୍ଡେଲୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାଉଣ୍ଟଆବୁରୁ ଆସିଥିବା ବ୍ରହ୍ମାକୁମାର ଅର୍ଜୁନ ରାଜଯୋଗର ଅଭ୍ୟାସ କରିଥିଲେ। ଭଞ୍ଜନଗର କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ସନ୍ତୋଷିନୀ ସଭାକୁ ସଂଯୋଜନା କରିଥିଲେ। ବ୍ରହ୍ମାକୁମାର ଅକ୍ଷୟ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବର୍ଷା, ସୁରଭି, ଗୁଡ୍‌ଲି ନୃତ୍ୟ ପରିବେଷଣ କରିଥିଲେ।

